## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ୨ଗୁରୁତର

ଟିକିରି, ୧୧।୩(ଡି.ଏନ୍.ଏ.)-ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅଧୀନ ଗୋରଖପୁର ଗ୍ରାମ ନିକଟ ବୁଲାଣିରେ ଯାତ୍ରୀ ବାହି ଅଟ ସହ ବାଇକ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ଅଛନ୍ତି। ମୃତକ ହେଲେ କାଶୀପୁର ଥାନା ଅଧୀନ ସିରିପାଇ ପଞ୍ଚାୟତ ବଲାଙ୍ଗୀର ଗ୍ରାମର ଯୋଗି ମାଝି। ଆହତ ହେଲେ ବଲାଙ୍ଗୀର ଗ୍ରାମର ଗୋପବନ୍ଧୁ ମାଝି ଓ ଅନ୍ୟ ଜଣେ ହେଲେ ସରଗିପଦର ଗ୍ରାମର ଅଟୋ ଡ୍ରାଇଭର ସୁନ୍ଦରଲାଲ ନାଏକ। ସୂଚନାନୁଯାୟୀ, ଗୋଟିଏ ବାଇକ୍‌ରେ ତିନି ଜଣ ବସି ଫେରୁଥିବାବେଳେ ବିପରିତ ଦିଗରୁ ଆସୁଥିବା ଏକ ଯାତ୍ରୀବାହି ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଯୋଗୀ, ଗୋପବନ୍ଧୁ ଓ ସୁନ୍ଦରଲାଲ ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଲୋକ ଏବଂ ଟିକିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଷାପଡାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ଯୋଗୀଙ୍କ ମୃତ୍ୟୁ ହୋଇଥିଲା। ଗୁରୁତରଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଜମିରେ ଲାଗିଥିବା ୮ ମୋଟର ଚୋରି

ଜୟପୁର,୧୧।୩(ନି.ପ୍ର.)-ଜୟପୁର ସଦର ଥାନା ଅନ୍ତର୍ଗତ ପୂଜାରିପୁଟ ଓ ଦଳାଇପୁଟରେ ଜମିରେ ଲାଗିଥିବା ଚାଷୀଙ୍କ ମୋଟର ଚୋରି ହୋଇଛି। ଏନେଇ ଜୟପୁର ସଦର ଥାନାରେ ଶନିବାର ଅଭିଯୋଗ ହୋଇଛି। ପୂଜାରିପୁଟ ଓ ଦଳାଇପୁଟରେ ଜଳନିଧି ଯୋଜନାରେ ୮ଟି ମୋଟର ଜମିରେ ଚାଷୀଙ୍କ ଲାଗି ଲଗାଯାଇଥିଲା। କାଳିଗାଁର ସମସ୍ତ ଚାଷୀ ଉଠା ଜଳସେଚନ ବିଭାଗ ପକ୍ଷରୁ ଗୋଟିଏ ଓ ୭ଟି ଜଳନିଧି ଯୋଜନାରେ ମୋଟର ଚାଷୀଙ୍କ ଜମିରେ ଲାଗିଥିଲା। ସେହି ମୋଟରଗୁଡିକ ଦ୍ୱାରା ପୂଜାରିପୁଟ ଏବଂ ଦଳାଇପୁଟର ଚାଷୀ ଉପକୃତ ହେଉଥିଲେ। ସେମାନେ ଧାନ ଏବଂ ପନିପରିବା ଚାଷ କରୁଥିଲେ। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ମୋଟରଗୁଡିକୁ ଚୋରାଇ ନେଇଛନ୍ତି। ଏନେଇ ପୋଲିସ ମୋଟରଗୁଡିକୁ ଜବତ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀ ଗୋପୀନାଥ ପାଣିଗ୍ରାହୀ, କମଳଲୋଚନ ମାଳି, ବିଶ୍ୱନାଥ ମାଳି, ତ୍ରିପତି ସାହୁ ନରହରି କରଳିଆ, ସୁବାସ କରଳିଆ, ଅଭି କରଳିଆ ପ୍ରମୁଖ ଅନୁରୋଧ କରିଛନ୍ତି।

### ୨ ନୂତନ ମିନି ବ୍ୟାଙ୍କ ଉଦ୍‌ଘାଟିତ

ମାଥିଲି,୧୧।୩(ଡି.ଏନ.ଏ.)-ମାଲକାଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଧୁଙ୍ଗିଆପୁଟ ପଞ୍ଚାୟତରେ ଶନିବାର ଏକ ନୂତନ ମିନି ବ୍ୟାଙ୍କ୍ ଉଦ୍‌ଘାଟିତ ହୋଇଯାଇଛି। କେସିସି ବ୍ୟାଙ୍କ ପକ୍ଷରୁ ଖୋଲାଯାଇଥିବା ଏହି ମିନି ବ୍ୟାଙ୍କକୁ ସରପଞ୍ଚ ମଧୁସୂଦନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋରାପୁଟ ସମବାୟ ସମିତି ବ୍ୟାଙ୍କ ଶାଖା ପରିଚାଳକ ବିଦ୍ୟାଧର ପ୍ରଧାନ, ମିନି ବ୍ୟାଙ୍କ୍ ପରିଚାଳକ ସନ୍ତୋଷିନୀ ପରିଡ଼ା, ସୁପରଭାଇଜର ଶ୍ୟାମସୁନ୍ଦର ପଟ୍ଟନାୟକ, ଲ୍ୟାମ୍ପସ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ଖୁଣ୍ଟିଆ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ବ୍ୟାଙ୍କ ଚାଷୀମାନଙ୍କ ଉନ୍ନତିରେ ସହାୟକ ହେବ ବୋଲି ଅତିଥିମାନେ ପ୍ରକାଶ କରି ବ୍ୟାଙ୍କରୁ ଲାଭ ଉଠାଇବାକୁ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଦଳପତିଗୁଡ଼ା ପଞ୍ଚାୟତରେ ମଧ ଏକ ମିନି ବ୍ୟାଙ୍କକୁ ସରପଞ୍ଚ ରୁକ୍ମିଣୀ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରପଞ୍ଚଙ୍କ ସହ ଭଗବାନ ଓଡି ଏବଂ ଚାଷୀମାନେ ଉପସ୍ଥିତ ଥିଲେ।

### ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ

ମାଲକାନଗିରି,୧୧।୩(ଡି.ଏନ୍.ଏ.)-ଜାତୀୟ ଆଇନସେବା ପ୍ରାଧିକରଣ, ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ଜିଲା ଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଶନିବାର ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ, ତାଲୁକ ଆଇନସେବା କମିଟି, ମୋଟୁ, ଜେଏମ୍‌ଏଫ୍‌ସି, ମାଥିଲି ଓ କୁଡୁମୁଲୁଗୁମ୍ମା ପକ୍ଷରୁ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲାର ମାଥିଲି, ମୋଟୁ, କୁଡୁମୁଲୁଗୁମ୍ମାଠାରେ ଏହି ଲୋକ ଅଦାଲତ ହୋଇଛି। ଲୋକ ଅଦାଲତରେ ମାଲକାନଗିରି ଏଡିଜେ ଉଦୟଭାନୁ ଜେନା, ସିଭିଲ ଜଜ୍ ବିଜୟ ଦାସ, ଡିଏଲ୍‌ଏସ୍‌ଏ ସେକ୍ରେଟାରି ରାକେଶ ମୁଦୁଲି, ଏସ୍‌ଡିଜେଏମ୍ ରୁଦ୍ରପ୍ରସାଦ ନାୟକ, ରେଜିଷ୍ଟ୍ରାର ଅରୂପ ନାୟକ, କୋରୁକୋଣ୍ଡା ଗ୍ରାମ ନ୍ୟାୟ ଅଧିକାରୀ ଦେବେନ୍ଦ୍ରନାଥ ବାଘ, ମାଥିଲି ଜେଏମ୍‌ଏଫ୍‌ସି ସନ୍ତୋଷ ବାରିକ, କୁଡୁମୁଲୁଗୁମ୍ମା ଜେଏମ୍‌ଏଫ୍‌ସି ସୁମନ୍ତ ପଟ୍ଟନାୟକ ଓ ମୋଟୁ ଜେଏମ୍‌ଏଫ୍‌ସି ପ୍ରବୀଣ ହୋତା ଉପସ୍ଥିତ ରହି ବିଭିନ୍ନ ମକଦ୍ଦମାର ଫଇସଲା କରିଥିଲେ। ଗୋଟିଏ ପାରିବାରିକ ବିବାଦ, ୧୮ଟି ଜଙ୍ଗଲ ବିବାଦ ଓ ୧୧୧୨ଟି ଅନ୍ୟାନ୍ୟ ମାମଲାର ଫଇସଲା ଲୋକ ଅଦାଲତରେ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ଓ ଓକିଲ ସଂଘ ସଦସ୍ୟମାନେ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସହଯୋଗ କରିଥିଲେ।

# ରଣନୀତିରେ ପରିବର୍ତ୍ତନ, ତୃଣମୂଳ ସ୍ତରରୁ ଚାଲିଛି ବୈଠକ

## ଗୁଣପୁର ଜିଲା ଗଠନ ଦାବି ପ୍ରସଙ୍ଗ

ଗୁଣପୁର,୧୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ ତୃଣମୂଳ ସ୍ତରରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ଲୋକଙ୍କ ସହଯୋଗ ନେଇ ୨ଦିନ ହେବ ବୈଠକ ଚାଲିଛି। ସମସ୍ତେ କିପରି ଜିଲା ଗଠନରେ ମନ ଦେଇ ଲାଗି ପଡ଼ିବେ ସେ ନେଇ ପ୍ରସ୍ତୁତି ଚାଲିଛି। ଜିଲା ଗଠନ କମିଟି ପକ୍ଷରୁ ଚଳିତ ଥର ରଣନୀତିକୁ ପରିବର୍ତ୍ତନ କରାଯାଇଛି।

ଉପଖଣ୍ଡର ବିଭିନ୍ନ ବ୍ଲକକୁ ଯାଇ ବୈଠକ କରାଯାଉଛି। ସେହି ସ୍ଥାନଗୁଡ଼ିକରେ ରାଜନେତା, ବୁଦ୍ଧିଜୀବୀ, ଓକିଲ, ଖବରଦାତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନେଇ ଆଲୋଚନା କରାଯାଉଛି। ଜିଲା ଗଠନ ଦାବିକୁ ଜୋର୍‌ଦାର କରାଯାଇ ଆନ୍ଦୋଳନକୁ ତୀବ୍ରତର କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମେ ଗତ ୨୬ ତାରିଖରେ ଗୁଣପୁରଠାରେ ବୈଠକ କରାଯାଇ ଜିଲା ଗଠନ ପାଇଁ ଦାବି ହୋଇଥିଲା। ଏହାପରେ ଗତ ୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ପ୍ରଦାନ କରାଯାଇ ଜିଲା ଗଠନ ପାଇଁ ଦାବି କରାଯାଇଛି। ବର୍ତ୍ତମାନ ଏହି ଆନ୍ଦୋଳନକୁ ଯୋଜନାବଦ୍ଧ ଭାବେ ବ୍ୟାପକ କରାଯିବାକୁ ମୁନିଗୁଡ଼ା,ବିଷମକଟକ, ପଦ୍ମପୁର ଏବଂ ଗୁଡ଼ାରୀ ଭଳି ସ୍ଥାନରେ ବୈଠକ କରାଯାଇଛି। ଗୁଣପୁର ଜିଲା ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବା ଯୋଜନା କରାଯାଇ ଲୋକଙ୍କ ମତାମତ ଏବଂ ସହଯୋଗ ଲୋଡ଼ାଯାଇଛି। ସୂଚନାଯୋଗ୍ୟ, ଗୁଣପୁରକୁ ନୂଆ ଜିଲା ଦାବି ନେଇ ୧୯୯୩ ମସିହାରେ ଆନ୍ଦୋଳନ ହୋଇଥିଲା। ସେହି ସମୟରେ ଯଦି ୩୧ତମ ଜିଲା ହୁଏ ତେବେ ତାହା ଗୁଣପୁର ହେବ ବୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଲୋକମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ଏପରି ଘଟଣାକ୍ରମ ମଧ୍ୟରେ ବର୍ତ୍ତମାନ ରାଜ୍ୟ ସରକାର ତଥା ରାଜସ୍ୱ ବିଭାଗ ନିକଟରେ ଆଉ ୫ଟି ଜିଲା ଗଠନ ନେଇ ବିଚାର ତଥା ଦାବି ରହିଥିବା ବିଭାଗୀୟ ମନ୍ତ୍ରୀ ବିଧାନସଭାରେ କହିଥିଲେ। ସେଥିରେ ଗୁଣପୁରର ନାମ ନାହିଁ। ଏହାକୁ ନେଇ ଗୁଣପୁରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲା ଗଠନ ପାଇଁ ପୁଣି ଥରେ ଦାବି ଉଠିଛି।

# ଲାଞ୍ଜିଆ ସୌରା ଜନଜାତି ମିଳିତ ମଞ୍ଚ ବୈଠକ

ଗୁଣପୁର,୧୧।୩(ଡି.ଏନ୍.ଏ.)


ବୈଠକ ଆରମ୍ଭ ପୂର୍ବରୁ ଲାଞ୍ଜିଆ ସୌରା ମହିଳାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।

ରାୟଗଡା ଜିଲା ଗୁଣପୁର ବ୍ଲକର ପୁଟାସିଂସ୍ଥିତ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥାରେ ରାୟଗଡ଼ା ଏବଂ ଗଜପତି ଜିଲା ଅଧୀନ ଲାଞ୍ଜିଆ ସୌରା ଜନଜାତିଙ୍କର ଏକ ମିଳିତ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବ୍ଲକର ୯ ପଞ୍ଚାୟତ ଉନ୍ନୟନ ପରିଷଦ କମିଟି ଆହ୍ୱାନ କ୍ରମେ ଏହି ବୈଠକ ହୋଇଥିଲା। ଏଥିରେ ଗଜପତି ଜିଲାର ୧୦ ପଞ୍ଚାୟତର ଆଦିବାସୀ ଭାଷା ଓ ସଂସ୍କୃତି ପ୍ରେମୀ, ଭାଷାବିତ୍, ସମାଜିକ କର୍ମୀ, ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀ ଏକାଠି ହୋଇଥିଲେ। ବୈଠକରେ ଲାଞ୍ଜିଆ ସୌରା ଜନଜାତିଙ୍କ ପରମ୍ପରା, ସଂସ୍କୃତି ସୁରକ୍ଷା ଓ ପୁନଃ ଉଦ୍ଧାର ଏବଂ ଲିପିର ସାମ୍ବିଧାନିକ ଅଧିକାର ଓ ସ୍ୱୀକୃତି ନିମନ୍ତେ ଆଲୋଚନା ହୋଇଥିଲା। ବୈଠକରେ ସୌରା ପଣ୍ଡିତ ଇନାମ ଗମାଙ୍ଗ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟ ଇଗାନ ଗମାଙ୍ଗ ମୁଖ୍ୟ ଅତିଥି, ଓଡିଶା ଆଦିବାସୀ ମଞ୍ଚ ଆବାହକ ଇଡ ମଣ୍ଡଳ ଏବଂ ଉନ୍ନୟନ ପରିଷଦ କମିଟି ସଭାପତି ମାଥ୍ୟୁ ଦଳବେହେରା, ସମ୍ପାଦକ ଇନାନ ଶବରଙ୍କ ସମେତ ଦାମଦୋର ଶବର, ଫିଲିପ ମଣ୍ଡଳ, ପୂର୍ବତନ ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ଶବର, ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ନିକଟରେ ଦାବି ଉପସ୍ଥାପନ ସହ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯିବାକୁ ବୈଠକରେ ସ୍ଥିର ହୋଇଛି।

# ଜିଲାସ୍ତରୀୟ ଶିଳ୍ପ ଉଦ୍ୟୋଗୀ ମେଳା ଉଦ୍‌ଯାପିତ

ରାୟଗଡ଼ା,୧୧।୩(ସ୍ୱ.ପ୍ର.)



ଆଇପିଓ ସବ୍ୟସାଚୀ ସାହୁଙ୍କୁ ସମ୍ମାନିତ କରାଯାଉଛି।

ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ୫ଦିନିଆ ଉଦ୍ୟୋଗୀ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ଉଦ୍ୟୋଗୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରି ନିଜ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି କରିଥିଲେ। ଶେଷ ଦିବସରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ବିଶେଷଜ୍ଞଙ୍କୁ ନେଇ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ପ୍ରୋତ୍ସାହନ ମୂଳକ ସହାୟତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରଯାଇଥିଲା। ଏଥି ସହିତ ରାଜ୍ୟ ଶିଳ୍ପନୀତି-୨୦୨୨ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ପ୍ରୋତ୍ସାହନ ନୀତି ୨୦୨୨ ଓ ରାଜ୍ୟ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ନୀତି- ୨୦୨୨ ସମ୍ବନ୍ଧରେ ବିଷଦ ଆଲୋଚନା କରାଯାଇଥିଲା। ଇମ୍ପା କାରଖାନାର ଲୋକ ସମ୍ପର୍କ ଅଧିକାରୀ ଶକ୍ତି ପ୍ରସାଦ ପାଣିଗ୍ରାହୀ ଜୀବନ ଜୀବିକା ଅର୍ଜନ ଉପରେ ଆଲୋକପାତ କରିଥିଲେ। ୟୁନିୟନ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ତପନ କୁମାର ସାହୁ ବନ୍ଧକମୁକ୍ତ ଋଣ ଉପରେ ବୁଝାଇ ଥିଲେ। ସେହିଭଳି ସନ୍ଧ୍ୟାରେ ଉଦ୍‌ଯାପନୀ ସମାରହୋରେ ମୁଖ୍ୟ ଅତିଥିଭାବେ ଉତ୍କଳ ଆଲୁମିନାର ଉପସଭାପତି ଭାସ୍କର ବାନାର୍ଜୀ ଯୋଗ ଦେଇଥିବା ବେଳେ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ବିକାଶ ଚନ୍ଦ୍ର ବୈନ ଅଧ୍ୟକ୍ଷତା କରିଥିଲେ। ରାୟଗଡାରେ ପ୍ରଥମଥର ପାଇଁ ଅନୁଷ୍ଠିତ ଏଭଳି ଏକ ବୃହତ ଶିଳ୍ପ ପ୍ରଦର୍ଶନୀ ମେଳାର ସଫଳ ଆୟୋଜନ ନିମନ୍ତେ ଜିଲା ଶିଳ୍ପ କେନ୍ଦ୍ରର ଅଧିକାରିଗଣ ଓ ଦୀପାର ସଦସ୍ୟମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଉଦ୍ୟୋଗୀ ମେଳାକୁ ଶିଳ୍ପ କେନ୍ଦ୍ର ଆଇପିଓ ଦେବାଶିଷ ମହାନ୍ତି, ସବ୍ୟସାଚୀ ସାହୁ, ଚିତ୍ତରଞ୍ଜନ ମଲିକ ଓ ଅନ୍ୟ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

### ନୂତନ ପେନ୍‌ସନ ଯୋଜନାଭୁକ୍ତ ଶିକ୍ଷକଙ୍କ ଦାବିପତ୍ର

ଜୟପୁର,୧୧।୩(ନି.ପ୍ର.)

ଜୟପୁରରେ ମଧ ନୂତନ ପେନ୍‌ସନ ଯୋଜନାଭୁକ୍ତ ଶିକ୍ଷକଙ୍କ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡ୍ରେସ୍ କୋଡ୍ ତ୍ୟାଗକରି ଶିକ୍ଷୟିତ୍ରୀ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନିଙ୍କୁ ଦାବିପତ୍ର ଦେଇଛନ୍ତି। ବାପୁଜୀନଗରସ୍ଥିତ ଶିବମନ୍ଦିରରୁ ଏକ ଶୋଭାଯାତ୍ରାରେ ଆସି ସେମାନେ ଜାନିଙ୍କୁ ଦାବିପତ୍ର ଦେଇଥିଲେ। ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ପୁରାତନ ପେନ୍‌ସନ ପ୍ରଦାନ ଆଦି ସେମାନଙ୍କ ଦାବି ରହିଛି। ଦାବିପତ୍ରର ନକଲ ମୁଖ୍ୟ ଶାସନ ସଚିବ, ଶିକ୍ଷାମନ୍ତ୍ରୀ ୫-ଟି ସଚିବ ଓ କୋରାପୁଟ ଜିଲାପାଳଙ୍କ ନିକଟକୁ ପଠଯାଇଛି।

### ୧୩ରେ ରାସ୍ତାରୋକୋ ଆନ୍ଦୋଳନ

ଜୟପୁର,୧୧।୩ (ନି.ପ୍ର.)

କାଗଜକଳ ଅବସରପ୍ରାପ୍ତ ଶ୍ରମିକ ଓ ସଙ୍ଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଆସନ୍ତା ୧୩ ତାରିଖରେ ରାସ୍ତାରୋକୋ କରାଯିବାକୁ ନିଷ୍ପତ୍ତି ହୋଇଛି। ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ସରକାର ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ ଉଦ୍ଦେଶ୍ୟରେ ଏପରି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ୨୦୨୦ରୁ ଜୟପୁର ସେବା କାଗଜକଳକୁ ହାଇଦ୍ରାବାଦର ମଦର ଆର୍ଥ କମ୍ପାନୀ ମ୍ୟାନେଜମେଣ୍ଟ ହାତକୁ ନେଇଥିଲେ ମଧ ଏପର୍ଯ୍ୟନ୍ତ ଶ୍ରମିକମାନଙ୍କ ସମସ୍ୟା ସମାଧାନ କରୁନାହିଁ । ଅବସରପ୍ରାପ୍ତ ଶ୍ରମିକ ଓ ମୃତ୍ୟୁବରଣ କରିସାରିଥିବା ଶ୍ରମିକଙ୍କ ପରିବାରକୁ କୌଣସି ସହାୟତା ମିଳିନାହିଁ। ସେମାନଙ୍କ ଇପିଏଫ୍ ଓ ପେନ୍‌ସନ ପ୍ରଦାନରେ ମ୍ୟାନେଜମେଣ୍ଟ ଉଦାସୀନ ରହିଛି। ବାରମ୍ବାର ସାକ୍ଷାତ ଆଲୋଚନା ହୋଇଥିଲେ ମଧ ମ୍ୟାନେଜମେଣ୍ଟ କର୍ତ୍ତୃପକ୍ଷ ପରବର୍ତ୍ତୀ ସମୟରେ କୌଣସି ପଦକ୍ଷେପ ନେଉନାହାନ୍ତି। ଶେଷରେ ସେମାନେ ରାସ୍ତାକୁ ଓହ୍ଲାଇ ରାସ୍ତାରୋକୋ କରି ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏହା ସତ୍ତ୍ୱେ କାଗଜକଳ କର୍ତ୍ତୃପକ୍ଷ ଯଦି ନୀରବ ରୁହନ୍ତି ତେବେ ଆସନ୍ତା ୨୩ ତାରିଖରୁ ବିଧାନସଭା ସମ୍ମୁଖରେ ଧାରଣା ଦେବାକୁ ସ୍ଥିର କରିଥିବା ଶ୍ରମିକ ନେତା ପ୍ରମୋଦ ମହାନ୍ତି କହିଛନ୍ତି।

# ଉତ୍କଳ ଆଲୁମିନାର ପ୍ରୋଜେକ୍ଟ 'ଉଦ୍ୟମୀ' ପ୍ରଥମ




## ଏମ୍‌ଏସ୍‌ଏମ୍‌ଇ ମେଳା

ଟିକିରି, ୧୧।୩(ଡି.ଏନ୍.ଏ.)

ରାୟଗଡ଼ାଠାରେ ମାର୍ଚ୍ଚ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏମ୍‌ଏସ୍‌ଏମ୍‌ଇ ମେଳାରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ ପ୍ରଥମ ସ୍ଥାନ ଅଧିକାର କରିଛି। ଉତ୍କଳ ଆଲୁମିନାର ପ୍ରୋଜେକ୍ଟ 'ଉଦ୍ୟମୀ' ଉଦୀୟମାନ ଉଦ୍ୟୋଗୀମାନଙ୍କ ପାଇଁ ନବସୃଜନ ଏବଂ ଦୀର୍ଘସ୍ଥାୟୀ ଭବିଷ୍ୟତ ଲକ୍ଷ୍ୟ ହାସଲ ପ୍ରୟାସ ନିମନ୍ତେ ଏହା ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏହି ପ୍ରକଳ୍ପ ଔଦ୍ୟୋଗିକତାର ବିକାଶ ଏବଂ 'ଆତ୍ମନିର୍ଭର ଭାରତ' ଗଠନ ଜାତୀୟ କାର୍ଯ୍ୟସୂଚୀ ଦିଗରେ ଅବଦାନ ରଖିବା ନିମନ୍ତେ ପ୍ରତିବଦ୍ଧ। ଏହି ପ୍ରକଳ୍ପ ରାୟଗଡ଼ା ଏବଂ କଳାହାଣ୍ଡିର ଆଦିବାସୀବହୁଳ ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ଔଦ୍ୟୋଗିକ ପରିବ୍ୟବସ୍ଥା ସୃଷ୍ଟି କରୁଛି ବୋଲି କାର୍ଯ୍ୟକ୍ରମରେ କୁହାଯାଇଛି। ଉଦ୍ୟୋଗୀମାନେ ଜନସାଧାରଣଙ୍କୁ କିଭଳି ସଶକ୍ତ କରିପାରିବେ ଏବଂ ଗୋଷ୍ଠୀର ଅଭିବୃଦ୍ଧି ଦିଗରେ ଅବଦାନ ରଖିପାରିବେ, ଉକ୍ତ ପ୍ରକଳ୍ପ ତାହାର ଜ୍ୱଳନ୍ତ ଉଦାହରଣ ହୋଇଛି। ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଏମ୍‌ଏସ୍‌ଏମ୍‌ଇ ମେଳାରେ ପଡ଼ିଥିବା ଷ୍ଟଲ୍‌ଗୁଡ଼ିକ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଫାଇନାନ୍ସ ଆଣ୍ଡ କମର୍ସିଆଲ୍ ଭାଇସ ପ୍ରେସିଡେଣ୍ଟ ଭାସ୍କର ବାନାର୍ଜୀ ମୁଖ୍ୟ ଅତିଥି, ଓଏସ୍‌ଏସ୍ (ଏସ୍‌ଏଜି) ଜିଏମ୍ ଡିଆଇସି ବିକାଶ ଚନ୍ଦ୍ର ବାଇନ, ଇମ୍ପା ଡିଜିଏମ୍ ବିଭୂତି ଭୂଷଣ ପଟ୍ଟନାୟକ, ଜେକେ ପେପର୍ସ ଭାଇସ ପ୍ରେସିଡେଣ୍ଟ (କମର୍ସିଆଲ) ବିଶ୍ୱଜିତ ଦ୍ୱିବେଦୀ,ଏସ୍.କେ.ଚୌଦୁଇଆ ଜିଏମ୍ ଡ. ଲୋପାମୁଦ୍ରା ପ୍ରିୟଦର୍ଶିନୀ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ।

# ମାଗଣା ଚାଉଳ ବଦଳରେ ଟଙ୍କା ଆଦାୟ ଅଭିଯୋଗ


ହିତାଧିକାରୀମାନେ ଅଭିଯୋଗ କରୁଛନ୍ତି।

ବିଷମକଟକ, ୧୧।୩(ଡି.ଏନ୍.ଏ.)

## ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ: ଜିଲା ଯୋଗାଣ ଅଧିକାରୀ

ଓଡ଼ିଶାରେ ସମସ୍ତ ସ୍ଥାନରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମାଗଣା ଚାଉଳ ବଣ୍ଟନ ବ୍ୟବସ୍ଥା ରହିଛି। କିନ୍ତୁ ରାୟଗଡା ଜିଲା ବିଷମକଟକ ବ୍ଲକର ଡାକୁଲଗୁଡ଼ା ପଞ୍ଚାୟତରେ ଏହି ଯୋଜନା ବାଟବଣା। କେନ୍ଦ୍ର ସରକାର ଚଳିତ ବର୍ଷ ଜାନୁୟାରୀରୁ ଡିସେମ୍ବର ପର୍ଯ୍ୟନ୍ତ ଦେଶବାସୀଙ୍କ ପାଇଁ ମାଗଣା ଚାଉଳ ଘୋଷଣା କରିଛନ୍ତି। ସରକାରଙ୍କ ଏହି ସୁବିଧା ଦେଶର ସମସ୍ତ ଗରିବ ହିତାଧିକାରୀ ପାଉଛନ୍ତି ହେଲେ ରାୟଗଡା ଜିଲା ବିଷମକଟକ ବ୍ଲକ ପାଇକ ଡାକୁଲଗୁଡା ପଞ୍ଚାୟତରେ ଚାଉଳ ବାବଦକୁ ହିତାଧିକାରୀଙ୍କ ଠାରୁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ଆସୁଛି। ମାଗଣା ଚାଉଳକୁ ନେଇ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟ କରି ଏବେ ବିବାଦରେ ପଞ୍ଚାୟତ ଅଧିକାରୀ।

ସରକାରୀ ତଥ୍ୟ ଅନୁସାରେ ଡାକୁଲଗୁଡା ପଞ୍ଚାୟତରେ ୯୮୮ ରାସନ ହିତାଧିକାରୀ ଅଛନ୍ତି। ସେମାନଙ୍କଠାରୁ କିନ୍ତୁ ମାଗଣା ଚାଉଳ ବଦଳରେ ପୂର୍ବଭଳି କିଲୋପିଛା ୧ ଟଙ୍କା ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ। ହିତାଧିକାରୀଙ୍କୁ ଦିଆ ଯାଇଥିବା ରସିଦ୍‌ରେ କିନ୍ତୁ ଟଙ୍କା ନିଆ ନ ଯାଇଥିବା ଦର୍ଶାଯାଇଛି। ତେବେ ମାଗଣା ଚାଉଳକୁ ବଦଳରେ ଆଦାୟ ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେବା ପରେ ରାତି ଅଧିଆ ପଞ୍ଚାୟତ ଅଧିକାରୀ ଯାଇ ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ କରୁଥିବା ଦୃଶ୍ୟ ଏବେ ଭାଇରାଲ ହେଉଛି।

ଏନେଇ ଜିଲା ଯୋଗାଣ ଅଧିକାରୀ ରାଜ କିଶୋର ପାଣିଗ୍ରାହୀଙ୍କୁ ପଚାରିବାରୁ ଏବେ ଘଟଣା ସମ୍ପର୍କରେ ଅବଗତ ହେଲି। ଏହାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ପିଡିଏସ୍ ଦାୟିତ୍ୱ ପ୍ରଶାସନ ମୋତେ ଦେଇ ନାହିଁ ବୋଲି କହିବା ସହ ଘଟଣା ବିଷୟରେ ପୂର୍ବରୁ ବିଷମକଟକ ବିଡିଓଙ୍କୁ ଜଣାଇଥିବା ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏ ନେଇ ପଞ୍ଚାୟତ ଅଧିକାରୀ ପ୍ରସାଦ ପ୍ରଧାନଙ୍କୁ ତାଙ୍କ ମୋବାଇଲ ନଂ. ୯୦୭୮୯୯୩୯୧୬ରେ ଯୋଗାଯୋଗା କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ପାରି ନ ଥିଲା।

# ପରିବେଶ ସୁରକ୍ଷା, ଯୋଗ ସାଧନା ନେଇ ସଚେତନତା ପଦଯାତ୍ରା

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.) ,୧୧।୩


କ୍ରିଷ୍ଣା ନାୟକ

ଅସନ୍ତୁଳିତ ଓ ଅସୁରକ୍ଷିତ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଭାରତର ୨୮ଟି ରାଜ୍ୟକୁ ପାଦରେ ଚାଲି ଚାଲି ବୁଲି ସଚେତନତା କରାଉଥିବା କର୍ଣ୍ଣାଟକର କ୍ରିଷ୍ଣା ନାୟକ (୨୯) ଶନିବାର ରାୟଗଡ଼ାରେ ପହଞ୍ଚିଛନ୍ତି। ରାୟଗଡ଼ାରୁ ଗଜପତି, ଆନ୍ଧ୍ରପ୍ରଦେଶ, ଗଞ୍ଜାମ ଓ ପୁରୀ ଯାତ୍ରା କରିବେ ବୋଲି କ୍ରିଷ୍ଣା କହିଛନ୍ତି।

କ୍ରିଷ୍ଣା କର୍ଣ୍ଣାଟକରୁ ୨୦୨୨ ଅକ୍ଟୋବର ୧୬ ତାରିଖରେ ପଦଯାତ୍ରାରେ ବାହାରି ଥିଲେ। କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ଛତିଶଗଡ଼ରେ ୪ ହଜାର କି.ମି. ଚାଲି ଚାଲି ବୁଲିବା ପରେ ସେ ଓଡ଼ିଶାରେ ପହଞ୍ଚିଛନ୍ତି। ଶନିବାର ରାୟଗଡ଼ାରେ ପହଞ୍ଚିବା ପରେ ୨୦୨୪ ଡିସେମ୍ବରେ ତାଙ୍କର ଏହି ପଦଯାତ୍ରା ଶେଷ ହେବ। ମୋଟ ୨୦ ହଜାର କି.ମି. ପଦଯାତ୍ରା କରି ଦେଶର ୨୮ଟି ରାଜ୍ୟରେ ସଚେତନତା ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଦୈନିକ ୨୫ ରୁ ୩୦ କି.ମି. ଚାଲିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରାଉଛନ୍ତି ବୋଲି କ୍ରିଷ୍ଣା କହିଛନ୍ତି। ଏଥି ସହ ଯୋଗ ସାଧନା ଉପରେ ମଧ ସେ ବାର୍ତ୍ତା ଦେଉଛନ୍ତି। ତାଙ୍କର ଚାଲିବାବେଳେ ବାଟରେ ଯେଉଁଠି କଲେଜ ଓ ସ୍କୁଲ ନଜରକୁ ଆସେ ସେଠାରେ ଅଟକି ପିଲାଙ୍କୁ ପରିବେଶ ସୁରକ୍ଷା ଓ ଯୋଗ ସମ୍ବନ୍ଧରେ ବୁଝାନ୍ତି। ଏହିଭଳି ସଚେତନତା କରିବା ଦ୍ୱାରା ଛାତ୍ରୀଛାତ୍ର ନିଜ ସମାଜ ଭିତରେ ଏହି ବାର୍ତ୍ତା ବାଣ୍ଟିବେ ବୋଲି କ୍ରିଷ୍ଣା ଆଶା ରଖିଛନ୍ତି। ନିଜର ଯାତ୍ରା ବେଳେ ମନ୍ଦିର ଓ ବିଭିନ୍ନ ଅନୁଷ୍ଠାନରେ ସେ ରାତ୍ରିଯାପନ କରୁଛନ୍ତି।

# 'ଶିକ୍ଷିତ ହୋଇ ଦେଶ ବିକାଶରେ ସହଯୋଗ କର'

## ରାୟଗଡ଼ା କଲେଜର ବାର୍ଷିକୋତ୍ସବ 'କଲେଡୋସ୍କୋପ-୨୦୨୩'

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୧୧।୩

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଏହାର ବାର୍ଷିକ ଉତ୍ସବ କଲେଡୋସ୍କୋପ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଇସ ଚାନ୍‌ସେଲର ପ୍ରଫେସର ଗୀତାଞ୍ଜଳି ଦାସ ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ଏବଂ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଉଦ୍‌ଘାଟନ ପରେ କଲେଜ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀଛାତ୍ରଙ୍କ ବିକାଶ ସହିତ ଶିକ୍ଷାର ଗୁରୁତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଶିକ୍ଷିତ ହୋଇ ଦେଶ ବିକାଶରେ ସାମିଲ ହେବାକୁ ସେମାନେ ପରାମର୍ଶ ଦେଇଥିଲେ। ଛାତ୍ର ସଂସଦର ମୁଖ୍ୟ ଉପଦେଷ୍ଟା ବବିଲତା ଶ୍ରଫ୍ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ବାର୍ଷିକୋତ୍ସବ କାର୍ଯ୍ୟକ୍ରମକୁ ଅଧ୍ୟାପକ ଶ୍ରୀନିବାସ ଆଚାରୀ ପରିଚାଳନା କରିଥିଲେ। ଅଧ୍ୟାପକ ଉଦୟ ନାଏକ ଓ ଅନ୍ୟ ଅଧ୍ୟାପିକା,ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାର୍ଷିକୋତ୍ସବ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।


ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୨ ମାର୍ଚ୍ଚ, ୨୦୨୩

## ଦୁର୍ଘଟଣାରେ ଦମ୍ପତି ଗୁରୁତର

ଦଶମନ୍ତପୁର,( ଡି.ଏନ.ଏ.)- ଦଶମନ୍ତପୁରର କାନ୍ଦ୍ରିବିଜା ବୁଲାଣି କଲଭର୍ଟ ଠାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଟିକାମ୍ବ ପଞ୍ଚାୟତ ହରିଜନ ସାହିର ପବିତ୍ର ବାଘ, ତାଙ୍କ ସ୍ତ୍ରୀ ସୁକେସିନୀ ଗୁରୁତର ହୋଇଛନ୍ତି। ତେବେ ୩ ବର୍ଷର ଶିଶୁ କନ୍ୟା ଦୁର୍ଘଟଣାରୁ ବର୍ତ୍ତିଯାଇଛି। ବାଇକ୍ (ଓଆର୍୧୦ ଏଲ୍-୪୦୩୯) ଯୋଗେ ସେମାନେ ଦଶମନ୍ତପୁରରୁ ନିଜ ଗ୍ରାମକୁ ଯାଉଥିବା ବେଳେ ଉପରୋକ୍ତ କଲଭର୍ଟଠାରେ ଭାରସାମ୍ୟ ହରାଇ ଛିଟିକି ପଡ଼ିଥିଲେ। ଏହି ରାସ୍ତାରେ ଯାଉଥିବା ବିଦ୍ୟୁତ୍ ବିଭାଗ କର୍ମଚାରୀ ଓ ଫଟକିଜାନି ଗ୍ରାମର ବିନୋଦ କନ୍ଧପାନ୍ ନିଜ କାରରେ ଆହତମାନଙ୍କୁ ଦଶମନ୍ତପୁର ଡାକ୍ତରଖାନା ନେଇଥିଲେ।



# ଆଇନରେ ପରିବର୍ତ୍ତନ ନ ହେଲେ ଜଙ୍ଗଲ ସମ୍ପଦକୁ ଆଣିବ ବିପଦ

ମାଲକାନଗିରି, ୧୧।୩(ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

- ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛି ବନସୁରକ୍ଷା ସମିତି
- ୩୦ ପ୍ରତିଶତ ବନରକ୍ଷୀ ପଦବୀ ଖାଲିପଡିଛି
- ସଚେତନ, ସଜାଗ ରହିଲେ ବଢ଼ିବ ଜଙ୍ଗଲ ସମ୍ପଦ

ଓଡ଼ିଶାର ଜଙ୍ଗଲ ସମ୍ପଦ ସୁରକ୍ଷା ନେଇ ରହିଥିବା ଆଇନ ଏବଂ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ରହିଥିବା ନିୟମକୁ ସରକାର ପରିବର୍ତ୍ତନ ନ କଲେ ଆଗାମୀ ଦିନରେ ରାଜ୍ୟ ଜଙ୍ଗଲ ସମ୍ପଦ ଲୋପପାଇଯିବ ବୋଲି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଆଶଙ୍କା ପ୍ରକାଶ କରିଛି। ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅବସରପ୍ରାପ୍ତ ବନପାଳ ଅନିରୁଦ୍ଧ ଚୌଧୁରୀ, ଅଲେଖ ନାୟକ, ଶିବ ପ୍ରସାଦ ପାତ୍ର, ଏରା ସ୍ୱାମୀ, ଦୁର୍ଯ୍ୟୋଧନ ପାତ୍ର ଏହା ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି , ରାଜ୍ୟ ସରକାର ୨୦୦୩ ରେ ବନ ବିଭାଗର ପୁନର୍ଗଠନ କରି ଉଚ୍ଚପଦସ୍ଥ ପଦାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିଥିଲେ ମଧ୍ୟ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରି ନ ଥିଲେ। ଫଳରେ ଏବେ ରାଜ୍ୟରେ ଥିବା ୬୭୦୦ ବନରକ୍ଷୀ ପଦବୀରୁ ୩୦ ପ୍ରତିଶତ ପଦବୀ ଖାଲି ପଡ଼ିଛି। ୯୦ରୁ ଊର୍ଦ୍ଧ୍ୱ ବନରକ୍ଷୀ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ସେହିପରି ୨୧ଶହ କ୍ଷେତ୍ର ବନପାଳ ପଦବୀ ଥିଲା ବେଳେ ସେଥିରୁ ୨୦ ପ୍ରତିଶତ ପଦବୀ ଖାଲି ରହିଛି। ବନ ବିଭାଗ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୬.୯୬୯.୭୧ ବର୍ଗ କି.ମି. ଘଞ୍ଚ ଜଙ୍ଗଲ, ୨୧,୫୫୧.୩ ବର୍ଗ କି.ମି. ମଧ୍ୟମ ଜଙ୍ଗଲ ଓ ଅନ୍ୟାନ୍ୟ ଜଙ୍ଗଲ ୨୩,୦୯୬.୮୭ ବର୍ଗ କି.ମି. ରହିଛି। ଓଡ଼ିଶାରେ ମୋଟ ୫୧,୬୧୮.୫୧ ବର୍ଗ କି.ମି. ଜଙ୍ଗଲ ଅଛି। ଏହି ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ପାରମ୍ପରିକ ଆଦିବାସୀ ଓ ବନବାସୀମାନେ ୨୦୦୬ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ପ୍ରାୟ ଲକ୍ଷାଧିକ ହେକ୍ଟର ଜଙ୍ଗଲ ଜମିର ସ୍ୱତ୍ୱ ଅଧିକାର ପାଇ ସାରିଲେଣି। ୨ ଲକ୍ଷରୁ ଊର୍ଦ୍ଧ୍ୱ ବନବାସୀ ଏବେ ସେମାନଙ୍କ ଜଙ୍ଗଲ ଜମି ସ୍ୱତ୍ୱ ଅଧିକାର ନେଇ ଆବେଦନ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ ଲୋକାଭିମୁଖୀ ଯୋଜନା କରି ଜନସାଧାରଣଙ୍କୁ ଜଙ୍ଗଲ ସୁରକ୍ଷାରେ ସାମିଲ କରିଛନ୍ତି। ଏଥିପାଇଁ ୨,୧୮,୦୦୦ ବନ ସଂରକ୍ଷଣ ସମିତି ଗଠନ କରାଯାଇଛି। ଏହି ସମିତିଗୁଡ଼ିକୁ ଉତ୍ସାହିତ କରିବା ପାଇଁ ସେମାନଙ୍କୁ କମ୍ୟୁନିଟି ଘର, ମାଇକ ସେଟ୍, ଦରି, ଲାଇଟ୍ ଆଦି ବିଭିନ୍ନ ସାମଗ୍ରୀ ବିଭିନ୍ନ ସମୟରେ ବାଣ୍ଟୁଛନ୍ତି। ସେମାନଙ୍କୁ ସଚେତନ କରିବାକୁ ସଭା ସମିତି କରି ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ବାସ୍ତବ କ୍ଷେତ୍ରରେ ବନ ସଂରକ୍ଷଣ ସମିତିଗୁଡ଼ିକ ନିଜ ଦାୟିତ୍ୱ ନ ତୁଲାଇ ଜଙ୍ଗଲ, ବନ୍ୟଜନ୍ତୁ ସୁରକ୍ଷା ଓ ଜଙ୍ଗଲ ନିଆଁ ରୋକିବାରେ ବିଫଳ ହୋଇଛନ୍ତି। ଫଳତଃ ଜଙ୍ଗଲଗୁଡିକର ଅବକ୍ଷୟ ହେବାସହ ବନ୍ୟଜନ୍ତୁ ଲୋପପାଇବାରେ ଲାଗିଛି। ଗତ ୫ବର୍ଷ ମଧ୍ୟରେ ଜଙ୍ଗଲ ନିଆଁ ଦ୍ୱାରା ରାଜ୍ୟରେ ୧.୫୩.୫୫୯ ଅଞ୍ଚଳରେ ୬୧୫୩୧ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ୧୯୯୦ରେ ରାଜ୍ୟ ସରକାର ରାଜ୍ୟରେ ଯେତେ ପାହାଡ଼ିଆ ଅଞ୍ଚଳରେ ଜଙ୍ଗଲ ଅଛି ସେ ସମସ୍ତ ପାହାଡ ବନ ବିଭାଗ ଅଧୀନରେ ବୋଲି ଘୋଷଣା କରିଥିଲେ ମଧ୍ୟ ରାଜ୍ୟରେ ଅନେକ ଅଣ ସଂରକ୍ଷିତ ଜଙ୍ଗଲ ରାଜସ୍ୱ ଏବଂ ବନ ବିଭାଗର ମିଳିତ ଅଧୀନରେ ରହିଛି। ଏହି ଜଙ୍ଗଲଗୁଡିକରେ ଖଣି ବିଭାଗର ମଧ୍ୟ ଅଧିକାର ଥିବାରୁ ବନ ବିଭାଗ, ଖଣି ବିଭାଗ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ସମନ୍ୱୟ ରହୁନାହିଁ। ଏହାଦ୍ୱାରା ଅନେକ ଜଙ୍ଗଲ ଅଞ୍ଚଳରେ ଖଣି ଖାଦାନ ଓ ଜଙ୍ଗଲ ସମ୍ପଦ ଲୁଟ୍ ହେବାରେ ଲାଗିଛି। ରାଜ୍ୟ ସରକାର ରାସ୍ତା, ପୋଲ ନିର୍ମାଣ ସହ ବିଦ୍ୟୁତ୍ ବ୍ୟବସ୍ଥା କରି ଜଙ୍ଗଲ ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରୁଛନ୍ତି। ପରବର୍ତ୍ତୀ ସମୟରେ ନଷ୍ଟ ହୋଇଥିବା କାର୍ଯ୍ୟକୁ ଭରଣା କରିବା ଲାଗି କାମ୍ପା ଯୋଜନାରେ ଜଙ୍ଗଲ ଭିତରେ ଥିବା ଜମିରେ ବୃକ୍ଷରୋପଣ କରୁଥିଲେ ମଧ୍ୟ ଦାୟିତ୍ୱରେ ଥିବା ଉଭୟ ବନ ବିଭାଗ ଓ ବନ ସଂରକ୍ଷଣ ସମିତି ଏହାକୁ ସୁରକ୍ଷା ଦେଇପାରୁନାହାନ୍ତି। ଜଙ୍ଗଲ ନଷ୍ଟ ଯୋଗୁ ଏବେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଘଟି ବିପଦ ସୃଷ୍ଟି କରିଛି । ଜଙ୍ଗଲ କ୍ଷୟ ଯୋଗୁ ଅମ୍ଳଜାନ ଅଭାବ, ମୃତ୍ତିକା କ୍ଷୟ, ଭୂତଳ ଜଳ ନିମ୍ନଗାମୀ, ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ୨୦୦୬ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଆଦିବାସୀ ଏବଂ ବନବାସୀଙ୍କୁ ସରକାର ଚାଷ ଏବଂ ଘରବାରି ପାଇଁ ସର୍ବାଧିକ ୧୦ ଏକର ଜଙ୍ଗଲ ଜମି ଦେଉଛନ୍ତି। ଏହାର ସୁଯୋଗ ନେଇ ଆଗାମୀ ଦିନରେ ଜଙ୍ଗଲ ଜମି ସ୍ୱତ୍ୱ ଅଧିକାର ପାଇବା ଆଶାରେ ଅନେକ ବନାଞ୍ଚଳବାସୀ ଜଙ୍ଗଲ ନଷ୍ଟ କରି ସ୍ୱତ୍ୱ ଅଧିକାର ପାଇଁ ଆଶା ବାନ୍ଧିଛନ୍ତି। ଏ ଦିଗରେ ସଚେତନ ରହି ଜଙ୍ଗଲ ସୁରକ୍ଷା ଓ ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ ବିଭାଗ, କ୍ଷେତ୍ର କର୍ମଚାରୀ ଓ ଜନସାଧାରଣ ସଜାଗ ରହିଲେ ଆଗାମୀ ଦିନରେ ଆସିବାକୁ ଥିବା ବିପଦ ଟାଳିହେବ ବୋଲି ସଂଘ କର୍ମକର୍ତ୍ତାମାନେ କହିଛନ୍ତି।

## ସଂକ୍ଷେପରେ

### ଜମିରେ ଲାଗିଥିବା ୮ ମୋଟର ଚୋରି

ଜୟପୁର, ୧୧।୩(ନି.ପ୍ର.)-ଜୟପୁର ସଦର ଥାନା ଅନ୍ତର୍ଗତ ପୂଜାରିପୁଟ ଓ ଦଳାଇପୁଟରେ ଜମିରେ ଲାଗିଥିବା ଚାଷୀଙ୍କ ମୋଟର ଚୋରି ହୋଇଛି। ଏନେଇ ଜୟପୁର ସଦର ଥାନାରେ ଶନିବାର ଅଭିଯୋଗ ହୋଇଛି। ପୂଜାରିପୁଟ ଓ ଦଳାଇପୁଟରେ ଜଳନିଧି ଯୋଜନାରେ ୮ଟି ମୋଟର ଜମିରେ ଚାଷୀଙ୍କ ଲାଗି ଲଗାଯାଇଥିଲା। କାଳିଗାଁର ସମସ୍ତ ଚାଷୀ ଉଠା ଜଳସେଚନ ବିଭାଗ ପକ୍ଷରୁ ଗୋଟିଏ ଓ ୭ଟି ଜଳନିଧି ଯୋଜନାରେ ମୋଟର ଚାଷୀଙ୍କ ଜମିରେ ଲାଗିଥିଲା। ସେହି ମୋଟରଗୁଡିକ ଦ୍ୱାରା ପୂଜାରିପୁଟ ଏବଂ ଦଳାଇପୁଟର ଚାଷୀ ଉପକୃତ ହେଉଥିଲେ। ସେମାନେ ଧାନ ଏବଂ ପନିପରିବା ଚାଷ କରୁଥିଲେ। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ମୋଟରଗୁଡିକୁ ଚୋରାଇ ନେଇଛନ୍ତି। ଏନେଇ ପୋଲିସ ମୋଟରଗୁଡିକୁ ଜବତ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀ ଗୋପୀନାଥ ପାଣିଗ୍ରାହୀ, କମଳଲୋଚନ ମାଳି, ବିଶ୍ୱନାଥ ମାଳି, ତ୍ରିପତି ସାହୁ ନରହରି କରଳିଆ, ସୁବାସ କରଳିଆ, ଅଭି କରଳିଆ ପ୍ରମୁଖ ଅନୁରୋଧ କରିଛନ୍ତି।

### ୨ ନୂତନ ମିନି ବ୍ୟାଙ୍କ ଉଦ୍‌ଘାଟିତ

ମାଥିଲି, ୧୧।୩(ଡି.ଏନ.ଏ.)-ମାଲକାଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଧୁଙ୍ଗିଆପୁଟ ପଞ୍ଚାୟତରେ ଶନିବାର ଏକ ନୂତନ ମିନି ବ୍ୟାଙ୍କ୍ ଉଦ୍‌ଘାଟିତ ହୋଇଯାଇଛି। କେସିସି ବ୍ୟାଙ୍କ ପକ୍ଷରୁ ଖୋଲାଯାଇଥିବା ଏହି ମିନି ବ୍ୟାଙ୍କକୁ ସରପଞ୍ଚ ମଧୁସୂଦନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋରାପୁଟ ସମବାୟ ସମିତି ବ୍ୟାଙ୍କ ଶାଖା ପରିଚାଳକ ବିଦ୍ୟାଧର ପ୍ରଧାନ, ମିନି ବ୍ୟାଙ୍କ୍ ପରିଚାଳକ ସନ୍ତୋଷିନୀ ପରିଡ଼ା, ସୁପରଭାଇଜର ଶ୍ୟାମସୁନ୍ଦର ପଟ୍ଟନାୟକ, ଲ୍ୟାମ୍ପସ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ଖୁଡୁପିଆ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ବ୍ୟାଙ୍କ ଚାଷୀମାନଙ୍କ ଉନ୍ନତିରେ ସହାୟକ ହେବ ବୋଲି ଅତିଥିମାନେ ପ୍ରକାଶ କରି ବ୍ୟାଙ୍କରୁ ଲାଭ ଉଠାଇବାକୁ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଦଳପତିଗୁଡ଼ା ପଞ୍ଚାୟତରେ ମଧ୍ୟ ଏକ ମିନି ବ୍ୟାଙ୍କକୁ ସରପଞ୍ଚ ରୁକ୍ମିଣୀ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରପଞ୍ଚଙ୍କ ସହ ଭଗବାନ ଓଡି ଏବଂ ଚାଷୀମାନେ ଉପସ୍ଥିତ ଥିଲେ।

### ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ

ମାଲକାନଗିରି, ୧୧।୩(ଡି.ଏନ୍.ଏ.)-ଜାତୀୟ ଆଇନସେବା ପ୍ରାଧିକରଣ, ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ଜିଲା ଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଶନିବାର ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ, ତାଲୁକ ଆଇନସେବା କମିଟି, ମୋଟୁ, ଜେଏମ୍ଏଫ୍‌ସି, ମାଥିଲି ଓ କୁଡୁମୁଲୁଗୁମ୍ମା ପକ୍ଷରୁ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲାର ମାଥିଲି, ମୋଟୁ, କୁଡୁମୁଲୁଗୁମ୍ମାଠାରେ ଏହି ଲୋକ ଅଦାଲତ ହୋଇଛି। ଲୋକ ଅଦାଲତରେ ମାଲକାନଗିରି ଏଡିଜେ ଉଦୟଭାନୁ ଜେନା, ସିଭିଲ ଜଜ୍ ବିଜୟ ଦାସ, ଡିଏଲ୍ଏସ୍ଏ ସେକ୍ରେଟାରି ରାକେଶ ମୁଦୁଲି, ଏସ୍‌ଡିଜେଏମ୍ ରୁଦ୍ରପ୍ରସାଦ ନାୟକ, ରେଜିଷ୍ଟ୍ରାର ଅରୂପ ନାୟକ, କୋରୁକୋଣ୍ଡା ଗ୍ରାମ ନ୍ୟାୟ ଅଧିକାରୀ ଦେବେନ୍ଦ୍ରନାଥ ବାଘ, ମାଥିଲି ଜେଏମ୍ଏଫ୍‌ସି ସନ୍ତୋଷ ବାରିକ, କୁଡୁମୁଲୁଗୁମ୍ମା ଜେଏମ୍ଏଫ୍‌ସି ସୁମନ୍ତ ପଟ୍ଟନାୟକ ଓ ମୋଟୁ ଜେଏମ୍ଏଫ୍‌ସି ପ୍ରବୀଣ ହୋତା ଉପସ୍ଥିତ ରହି ବିଭିନ୍ନ ମକଦ୍ଦମାର ଫଇସଲା କରିଥିଲେ। ଗୋଟିଏ ପାରିବାରିକ ବିବାଦ, ୧୮ଟି ଜଙ୍ଗଲ ବିବାଦ ଓ ୧୧୧୨ଟି ଅନ୍ୟାନ୍ୟ ମାମଲାର ଫଇସଲା ଲୋକ ଅଦାଲତରେ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ଓ ଓକିଲ ସଂଘ ସଦସ୍ୟମାନେ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସହଯୋଗ କରିଥିଲେ।

## ନୂତନ ପେନ୍‌ସନ ଯୋଜନାଭୁକ୍ତ ଶିକ୍ଷକଙ୍କ ଦାବିପତ୍ର



ଜୟପୁର, ୧୧।୩(ନି.ପ୍ର.)

ଜୟପୁରରେ ମଧ୍ୟ ନୂତନ ପେନ୍‌ସନ ଯୋଜନାଭୁକ୍ତ ଶିକ୍ଷକଙ୍କ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡ୍ରେସ୍ କୋଡ୍ ତ୍ୟାଗକରି ଶିକ୍ଷୟିତ୍ରୀ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନିଙ୍କୁ ଦାବିପତ୍ର ଦେଇଛନ୍ତି। ବାପୁଜୀନଗରସ୍ଥିତ ଶିବମନ୍ଦିରରୁ ଏକ ଶୋଭାଯାତ୍ରାରେ ଆସି ସେମାନେ ଜାନିଙ୍କୁ ଦାବିପତ୍ର ଦେଇଥିଲେ। ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ପୁରାତନ ପେନ୍‌ସନ ପ୍ରଦାନ ଆଦି ସେମାନଙ୍କ ଦାବି ରହଛି। ଦାବିପତ୍ରର ନକଲ ମୁଖ୍ୟ ଶାସନ ସଚିବ, ଶିକ୍ଷାମନ୍ତ୍ରୀ ୫-ଟି ସଚିବ ଓ କୋରାପୁଟ ଜିଲାପାଳଙ୍କ ନିକଟକୁ ପଠାଯାଇଛି।

## କାଗଜକଳ ଅବସରପ୍ରାପ୍ତ ଶ୍ରମିକଙ୍କ ସମେତ ଅନ୍ୟ ସଦସ୍ୟଙ୍କ ନିଷ୍ପତ୍ତି ୧୩ରେ ରାସ୍ତାରୋକୋ ଆନ୍ଦୋଳନ

ଜୟପୁର, ୧୧।୩ (ନି.ପ୍ର.)

କାଗଜକଳ ଅବସରପ୍ରାପ୍ତ ଶ୍ରମିକ ଓ ସଙ୍ଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଆସନ୍ତା ୧୩ ତାରିଖରେ ରାସ୍ତାରୋକୋ କରାଯିବାକୁ ନିଷ୍ପତ୍ତି ହୋଇଛି। ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ସରକାର ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ ଉଦ୍ଦେଶ୍ୟରେ ଏପରି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ୨୦୨୦ରୁ ଜୟପୁର ସେବା କାଗଜକଳକୁ ହାଇଦ୍ରାବାଦର ମଦର ଆର୍ଥ କମ୍ପାନୀ ମ୍ୟାନେଜମେଣ୍ଟ ହାତକୁ ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶ୍ରମିକମାନଙ୍କ ସମସ୍ୟା ସମାଧାନ କରୁନାହିଁ । ଅବସରପ୍ରାପ୍ତ ଶ୍ରମିକ ଓ ମୃତ୍ୟୁବରଣ କରିସାରିଥିବା ଶ୍ରମିକଙ୍କ ପରିବାରକୁ କୌଣସି ସହାୟତା ମିଳିନାହିଁ। ସେମାନଙ୍କ ଇପିଏଫ୍ ଓ ପେନ୍‌ସନ ପ୍ରଦାନରେ ମ୍ୟାନେଜମେଣ୍ଟ ଉଦାସୀନ ରହିଛି। ବାରମ୍ବାର ସାକ୍ଷାତ ଆଲୋଚନା ହୋଇଥିଲେ ମଧ୍ୟ ମ୍ୟାନେଜମେଣ୍ଟ କର୍ତ୍ତୃପକ୍ଷ ପରବର୍ତ୍ତୀ ସମୟରେ କୌଣସି ପଦକ୍ଷେପ ନେଉନାହାନ୍ତି। ଶେଷରେ ସେମାନେ ରାସ୍ତାକୁ ଓହ୍ଲାଇ ରାସ୍ତାରୋକୋ କରି ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏହା ସତ୍ତ୍ୱେ କାଗଜକଳ କର୍ତ୍ତୃପକ୍ଷ ଯଦି ନୀରବ ରୁହନ୍ତି ତେବେ ଆସନ୍ତା ୨୩ ତାରିଖରୁ ବିଧାନସଭା ସମ୍ମୁଖରେ ଧାରଣା ଦେବାକୁ ସ୍ଥିର କରିଥିବା ଶ୍ରମିକ ନେତା ପ୍ରମୋଦ ମହାନ୍ତି କହିଛନ୍ତି।

# ଜମିଜମାକୁ ନେଇ ମୁହାଁମୁହିଁ

## ୨ ଏକର ଜମିରୁ କାଟିନେଲେ ନୀଳଗିରି ଗଛ

ଦଶମନ୍ତପୁର, ୧୧।୩ ( ଡି.ଏନ.ଏ.)



ଥାନାର ଦ୍ୱାରସ୍ଥ ହୋଇଥିବା ଚକ୍ର ମଣିଆକାଙ୍କ ପରିବାର।

ଜମି ଜମାକୁ କେନ୍ଦ୍ର କରି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ଏକ ଗ୍ରାମରେ ଶନିବାର ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏନେଇ ଥାନାରେ ଏତଲା ହୋଇଛି। ଦଶମନ୍ତପୁର ଥାନା ଝିରିଝିରା ଗ୍ରାମର ଚକ୍ର ମିଣିଆକା କହନ୍ତି, ତାଙ୍କ ଜେଜେବାପା ସ୍ୱର୍ଗତ ହରିବନ୍ଧୁ ମିଣିଆକାଙ୍କ ନାମରେ ବିବାଦ ଉଠିଥିବା ଜମିର ପଟ୍ଟା ରହିଛି। ପୂର୍ବ ପୁରୁଷ ଅମଳରୁ ଆମେ ଦଖଲରେ ଅଛୁ। ମାତ୍ର ଗତ କିଛି ବର୍ଷ ହେଲା ସେଠାରେ ୨ ଏକର ଜମିରେ ନିଳଗିରି ଗଛ ଲଗାଇ ଦୁଇ ଥର ବିକ୍ରି ମଧ୍ୟ କରିଥିଲୁ। ହେଲେ ତୃତୀୟ ଥର ଗଛ ବିକ୍ରି ବେଳକୁ ଆମ ବାପାଙ୍କ ନାଁରେ ଉକ୍ତ ଜମି ପଟ୍ଟା ଅଛି ବୋଲି କହି ଗ୍ରାମର ଭଗବାନ ମୁଦୁଲି, ମହୋନ ମୁଦୁଲି, କୃଷ୍ଣ ମୁଦୁଲି ଏବଂ ଗୁପ୍ତ ମୁଦୁଲି ଜବରଦସ୍ତ ନିଳଗିରି ଗଛ କାଟି ନେଇ ବିକ୍ରି କରିଥିଲେ। ଆମ ଜେଜେ ବାପାଙ୍କ ନାମରେ ପଟ୍ଟା ଅଛି ତୁମେମାନେ କାହିଁକି ଗଛ କାଟି ନେଲ ବୋଲି ପଚାରିବାରୁ ଉପରୋକ୍ତ ବ୍ୟକ୍ତିମାନେ ଉତ୍ତ୍ୟକ୍ତ ହୋଇ ମୋତେ ଜୀବନରେ ମାରି ଦେବାକୁ ଧମକ ଦେଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ ବୋଲି ଚକ୍ର ଅଭିଯୋଗ କରିଛନ୍ତି। ଏନେଇ ପ୍ରଥମେ ପଞ୍ଚଡା ଆର୍‌ଆଇଙ୍କ ନିକଟକୁ ଯିବାରୁ ସେହି ଜମି ତୁମ ଜେଜେ ବାପାଙ୍କ ନାମରେ ରହିଥିବା ଆର୍ ଆଇ କହିଥିଲେ। ପରେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଚକ୍ର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସ୍ ଆଇ ଦିପିକା ହୀରାଙ୍କୁ ପଚାରିବାରୁ ସେ କହିଲେ, ପ୍ରକୃତ ଜମି କାହାର ଆମେ ଜାଣିପାରିବୁ ନାହିଁ। ଆର୍‌ଆଇଙ୍କୁ ସେହି ଜମିର କାଗଜପତ୍ର ମଗା ଯାଇଛି। କାଗଜପତ୍ର, ଜମି ପଟ୍ଟା ଆସିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ବର୍ତ୍ତମାନ ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ।

# ଅନ୍ଧାରରେ ଛାତ୍ରୀନିବାସ, ଗ୍ରାମବାସୀ

କୋରୁକୋଣ୍ଡା ୧୧।୩(ଡି.ଏନ୍.ଏ.)

## ବକେୟା ଦେଲେନି, ବିଦ୍ୟୁତ୍ କାଟିଲା ଟାଟା ପାୱାର

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଡୁଡାମେଟା ପଞ୍ଚାୟତ ସଦରର ୪୭ ପରିବାର ଏବଂ ଏଠାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀନିବାସରୁ ଟାଟା ପାୱାର ବିଦ୍ୟୁତ୍ କାଟିଦେଇଛି। ଫଳରେ ଗ୍ରାମବାସୀଙ୍କ ସମେତ ଛାତ୍ରୀମାନେ ୩ ଦିନ ହେଲା ଅନ୍ଧାରରେ ରହିଛନ୍ତି। ବିଦ୍ୟାଳୟ ପରିସରରେ ପ୍ରଥମଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନେ ରହି ପାଠ ପଢ଼ନ୍ତି। ସେମାନଙ୍କ ପାଇଁ ୧୧୦ ଶଯ୍ୟାବିଶିଷ୍ଟ ଏକ ଛାତ୍ରୀନିବାସ ରହିଛି। ବର୍ତ୍ତମାନ ୭୫ରୁ ଅଧିକ ଛାତ୍ରୀ ଏଠାରେ ରହୁଛନ୍ତି। ଛାତ୍ରୀନିବାସରୁ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ସଂଯୋଗ କାଟିଦେବାରୁ ଛାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଗ୍ରାମ ଶେଷ ଭାଗରେ ବିଦ୍ୟାଳୟଟି ଥିବାରୁ ରାତିରେ ପଦାକୁ ବାହାରିବାକୁ ଛାତ୍ରୀମାନେ ଭୟ କରୁଥିବା ଏବଂ ନିଜ ନିତ୍ୟକର୍ମ ସମେତ ପିଇବା ପାଣି ପାଇଁ ବହୁ ଅସୁବିଧା ହେଉଥିବା ଛାତ୍ରୀନିବାସ ଦାୟିତ୍ୱରେ ଥିବା ପରିଚାଳିକା ମଣି ମାଡି କହିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ସନାତନ ମହାରଣାଙ୍କୁ ପଚାରିବାରୁ ସେ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ ବାଉରିଙ୍କୁ ପଚାରିବାରୁ ସେ କହିଲେ, ସେ ଏ ବିଷୟରେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ସେ ଡିଡବ୍ଲ୍ୟୁଇଓଙ୍କୁ ଜଣାଇଛନ୍ତି। ଡିଡବ୍ଲ୍ୟୁଇଓ ସୋମବାର ବକେୟା ଅର୍ଥ ଦାଖଲ କରିବେ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ପ୍ରଶାନ୍ତ ନାୟକଙ୍କୁ ପଚାରିବାରୁ ସେ କହିଲେ, ବକେୟା ବିଲ୍ ଗ୍ରାମବାସୀଙ୍କ ସମେତ ବିଦ୍ୟାଳୟ ପକ୍ଷରୁ କର୍ତ୍ତୃପକ୍ଷ ଦେଉ ନ ଥିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପରି ନିଷ୍ପତ୍ତି ନେବାକୁ ବାଧ୍ୟ ହେଲୁ। ଡୁଡାମେଟା ଗ୍ରାମର ପ୍ରାୟ ଅଧିକାଂଶ ପରିବାର ବିଦ୍ୟୁତ୍ ବିଲ୍ ଦେଉନାହାନ୍ତି। ଯେଉଁଦିନ ଗ୍ରାମବାସୀ ବକେୟା ବିଲ୍ ପଇଠ କରିବେ ସେହିଦିନ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ସେ କହିଥିଲେ।

# ଏନ୍‌ପିଏସ୍ ଶିକ୍ଷକ ସଂଘର ପ୍ରତିବାଦ ଜାରି: ସରକାର ପୂରଣ କରୁନାହାନ୍ତି ଦାବି

ମାଥିଲି, ୧୧।୩ (ଡି.ଏନ.ଏ.)



ମାଥିଲିରେ ଶିକ୍ଷୟିତ୍ରୀ ଶିକ୍ଷକମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଉଛନ୍ତି।

ମାଲକାନଗିରି ଜିଲା ମାଥିଲି ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଏନ୍‌ପିଏସ୍, ଜେଟି, ଜେଟିସି ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ଦାବି ପୂରଣ ନେଇ ପ୍ରତିବାଦ ଜାରି ରଖିଛନ୍ତି। ଶନିବାର ସେମାନେ ଡ୍ରେସ୍ କୋଡ୍ ବର୍ଜନ ସହ କଳାବ୍ୟାଜ୍ ପରିଧାନ କରି ବିଦ୍ୟାଳୟରେ ଶିକ୍ଷା ଦାନ କରିଛନ୍ତି। ତିନିଟି ଦାବି ରାଜ୍ୟ ସରକାର ୩ ମାସ ହେଲା ପୂରଣ କରୁ ନ ଥିବାରୁ ସେମାନେ ପ୍ରତିବାଦ ସ୍ୱରୂପ ଏପରି ପଦକ୍ଷେପ ନେଇଥିବା ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଅପରାହ୍ନରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗଣଶିକ୍ଷା ସଚିବ, ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଶଶିଭୂଷଣ ମିଶ୍ରଙ୍କୁ ଦାବିପତ୍ର ଦେଇଛନ୍ତି। ଆସନ୍ତା ୧୪ ସୁଦ୍ଧା ଦାବି ପୂରଣ ନ ହେଲେ ୧୫ରୁ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ବ୍ଲକ ସଂଘ କର୍ମକର୍ତ୍ତା ରତ୍ନାକର ପାଳ, ନରେନ୍ଦ୍ର ନିହାଲ, ମଧୁସୂଦନ ନାୟକ, ସମର୍ଜିତ ସାହୁ, ବିଶ୍ୱନାଥ ରେଡ୍ଡି, ବିରଜା ଶଙ୍କର ବେହେରା, ରଶ୍ମିରଞ୍ଜନ ଛୋଟରାୟ, ଦେବପ୍ରସଦ ବିଶ୍ୱାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଚିତ୍ରାନନ୍ଦଙ୍କୁ ଗୋଦାବରୀଶ ମହାପାତ୍ର ସ୍ମୃତି ସମ୍ମାନ

ନନ୍ଦପୁର, ୧୧।୩ (ଡି.ଏନ.ଏ.)



ଅତିଥିମାନେ ବିଚିତ୍ରାନନ୍ଦଙ୍କୁ ସମ୍ମାନିତ କରୁଛନ୍ତି।

ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ନନ୍ଦପୁର ଅଞ୍ଚଳର ସାହିତ୍ୟିକ ବିଚିତ୍ରାନନ୍ଦ ପଣ୍ଡାଙ୍କୁ ଗୋଦାବରୀଶ ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଗୋପୀନାଥପୁର ବାଲୁଗାଁ ମଣ୍ଡପରେ ଚିଲିକା ଭାଷା ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ ଅବସରରେ ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ରୂପେ ଡ. ସ୍ୱର୍ଣ୍ଣଲତା ପରିଡ଼ା, ବକ୍ତା ରୂପେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଡ. ବିଜୟଲକ୍ଷ୍ମୀ ଦାସ, ସମ୍ମାନିତ ଅତିଥି ରୂପେ ସତ୍ୟବାଦୀ ବଳିଆରସିଂ, ରଙ୍ଗନାଥ ସେଠୀ, ବିଡିଓ ସୁଜିତ ମିଶ୍ର, ତହସିଲଦାର ନରସିଂହ ଗାଦବ, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଡ. ରାଜେନ୍ଦ୍ର ପାଢ଼ୀ ଉପସ୍ଥିତ ଥିଲେ।

# ମା’ ଅଗ୍ନିଗଙ୍ଗାଙ୍କ ନବଦିନ ଯାତ୍ରା

କୋରାପୁଟ, ୧୧।୩(ସ୍ୱ.ପ୍ର.)



ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକର ନିଲାବାଡି ଅଗ୍ନିଗଙ୍ଗା ମା’ଙ୍କ ଆରମ୍ଭ ହୋଇଥିବା ଘଣ୍ଟ ଯାତ୍ରାକୁ ଇତି ମଧ୍ୟରେ ୯ ଦିନ ବିତିଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଯାତ୍ରାର ମୁଖ୍ୟ ଉତ୍ସବ ରବିବାରଠାରୁ ଆରମ୍ଭ ହେବ। ଏନେଇ ବ୍ଲକ ପ୍ରଶାସନ ସମସ୍ତ ପ୍ରସ୍ତୁତି ସାରିଛି। ମାଙ୍କ ଦର୍ଶନ କରିବାକୁ ଏଠାରେ ଛତିଶଗଡ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁରୁ ଶ୍ରଦ୍ଧାଳୁଙ୍କ ଭିଡ ଜମେ। ଏବେ ମା’ ଅସ୍ଥାୟୀ ମଣ୍ଡପରେ ରହି ଦର୍ଶନ ଦେଉଛନ୍ତି। ଯାତ୍ରା ପଡିଆରେ ମୀନାବଜାର ସହ ସର୍କସ, ଦୋଳି ପଡିଛି। ବିଭିନ୍ନ ଦୋକାନ ଖୋଲିଛି। ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ଆସିବା ଲାଗି ବସ୍ ବ୍ୟବସ୍ଥା କରାଯାଇଛି। ଆଇନ ଶୃଙ୍ଖଳା ରକ୍ଷା ଲାଗି ପୋଲିସ ମୁତୟନ ହୋଇଛନ୍ତି ବୋଲି ପୂଜା କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି।




ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ୬ ମହିଳା।

# ୫୦ ଲକ୍ଷ ଟଙ୍କା ନ ଦେବାରୁ କରିଥିଲେ ଗୁଳି

ଜୟପୁର, ୧୧।୩ (ନି.ପ୍ର.)



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

- ବ୍ୟବସାୟୀଙ୍କୁ ଗୁଳି ଘଟଣାର ପର୍ଦ୍ଦାଫାଶ
- ୩ ଗିରଫ, ୨ ଫେରାର

କୋରପୁଟ ଜିଲା ଜୟପୁର ସହରରେ ସ୍ପଷ୍ଟ ଦିବାଲୋକରେ ଜଣେ ବ୍ୟବସାୟୀଙ୍କ ଉପରକୁ ହୋଇଥିବା ଗୁଳିକାଣ୍ଡ ଘଟଣାର ଶନିବାର ପର୍ଦ୍ଦାଫାଶ କରିଛି ଟାଉନ ଥାନା ପୋଲିସ। ଏଥିରେ ସମ୍ପୃକ୍ତ ୫ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖ୍ରୀଷ୍ଟିଆନପେଟାର ଅଭିଜିତ ମହୁରିଆ ଆଲିୟାସ ଜିହିତ (୨୪), ଯମୁନାଗୁଡାର ଫିରୋଜ ନାଗ (୨୨) ଓ ହାନାଗୁଡାର ସଚିନ ନାୟକ (୨୩)। ୨ ଫେରାର ଅଭିଯୁକ୍ତ ହେଲେ ଜୟନଗରର ଇମରାନ ଖାନ ଓ ବ୍ଲକ କଲୋନିର ଟୁଲୁ ଖୋସ୍‌ଲା। ସମ୍ପୃକ୍ତ ବ୍ୟବସାୟୀଙ୍କୁ ଅଭିଯୁକ୍ତମାନେ ୫୦ ଲକ୍ଷ ଟଙ୍କା ମାଗିଥିଲେ। ସେ ନ ଦେବାରୁ ଗୁଳି କରି ଜୀବନରେ ମାରିଦେବାକୁ ଯୋଜନା କରିଥିଲେ ବୋଲି ପଚରାଉଚରା ବେଳେ ସ୍ୱୀକାର କରିଥିବା ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଭିନବ ସୋନକାର କହିଛନ୍ତି।

ଖବରରୁ ଜଣାପଡିଛି, ଗତ ୪ ତାରିଖରେ ୫ଜଣ ଦୁର୍ବୃତ୍ତ ଜୟପୁରର ବ୍ୟବସାୟୀ ପବନ ଅଗ୍ରୱାଲଙ୍କ ପୁଅ ଆଦର୍ଶ (୨୩)ଙ୍କ ଉପରକୁ ଲକ୍ଷ୍ମୀ ପଣ୍ଡା ଛକ ଡେଙ୍ଗାତୋଟା ମଶାଣି ନିକଟରେ ୨ରାଉଣ୍ଡ ଗୁଳିମାଡ଼ କରିଥିଲେ। ଗୁଳି ଆର୍ଦର୍ଶଙ୍କ କାର୍‌ରେ ବାଜି ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା। ଫଳରେ ତାଙ୍କର କୌଣସି କ୍ଷତି ହୋଇ ନ ଥିଲା। ଖବରପାଇ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ୨ଟି ୯ଏମ୍ଏମ୍ ଖୋକା ଜବତ କରିଥିଲା। ସାଇଣ୍ଟିଫିକ ଟିମ୍ ମଧ୍ୟ ଏହାର ତଦନ୍ତ କରି ଛାନ୍‌ଭିନ୍ ଚଳାଇଥିଲା। ଏନେଇ ଏକ ଟିମ୍ ଗଠନ ହୋଇଥିଲା। ବିଭିନ୍ନ ସ୍ଥାନରେ ଚଢାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ତେବେ ଏହି ଘଟଣାର ମାଷ୍ଟର ମାଇଣ୍ଡ ଥିଲେ ଅଭିଯୁକ୍ତ ସଚିନ। ସେ ଆଦର୍ଶଙ୍କ କାର୍ ଶୋ’ରୁମ୍‌ରେ କାମ କରୁଥିଲେ। ମାଲିକଙ୍କ ସମସ୍ତ ତଥ୍ୟ ଅପରାଧୀମାନଙ୍କୁ ଦେଉଥିଲେ। ଘଟଣା ଘଟାଇବା ପୂର୍ବରୁ ସେମାନେ ଫୋନ କରି ତାଙ୍କୁ ୫୦ ଲକ୍ଷ ଟଙ୍କା ମାଗିଥିଲେ। ସେ ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ୪ରେ ଆଦର୍ଶ ତାଙ୍କ ଶୋ’ରୁମ୍‌ରୁ ବାହାରିବା ସମ୍ପର୍କରେ ସବୁ ଖବର ସଚିନ ସେମାନଙ୍କୁ ଦେଇଥିଲେ। ଏହାକୁ ଆଧାର କରି ଅଭିଯୁକ୍ତମାନେ ଡେଙ୍ଗାତୋଟା ମଶାଣି ନିକଟରେ ଆଦର୍ଶଙ୍କ ଉପରକୁ ଗୁଳି ଚଳାଇଥିଲେ। ଗିରଫ ଅଭିଯୁକ୍ତଠାରୁ ପିସ୍ତଲ, ମୁଖା, ୪ଟି ସିମ୍ ଜବତ ହୋଇଛି। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ସୋନକାର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜୟପୁର ଏସ୍‌ଡିପିଓ ହରିଶ ବିଶି, କୋରାପୁଟ ଏସ୍‌ଡିପିଓ ମନୋଜ ପୂଜାରୀ, ଟାଉନ ଥାନା ଅଧିକାରୀ ସମ୍ବିତ ବେହେରା, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

